# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13 December – 2025

***********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ବିକାଶ ପୂର୍ବାଞ୍ଚଳର ସାମଗ୍ରିକ ବିକାଶରେ ନୂତନ ପର୍ଯ୍ୟାୟ ସୃଷ୍ଟି କରିବ - କହିଲେ ରାଜ୍ୟପାଳ ।
- ଚଳିତ ଖରିଫ ଋତୁରେ ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ଧାନ କ୍ରୟ ହୋଇଥିବା ଯୋଗାଣମନ୍ତ୍ରୀଙ୍କ ସୂଚନା ।
- ମାଲକାନଗିରି ଏମ୍‌ଭି-୨୬ ଗ୍ରାମରେ ପରିସ୍ଥିତିରେ ସୁଧାର, ଇଣ୍ଟରନେଟ୍ କଟକଣା ସୋମବାର ମଧ୍ୟାହ୍ନ ଯାଏଁ ବୃଦ୍ଧି ।

ଏବଂ

- ମହାନଦୀ ଜଳବିବାଦ ସମସ୍ୟାର ସମାଧାନ ନେଇ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ ଉଚ୍ଚସ୍ତରୀୟ କମିଟି ବୈଠକ ।

## ପୂର୍ବୋଦୟ ଦୃଷ୍ଟିକୋଣ-୨୦୨୫

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ ଶିଳ୍ପ ମହାସଂଘ ଏବଂ 'ଦ ଏନର୍ଜି ଫୋରମ'ର ମିଳିତ ଉଦ୍ୟମରେ ଭୁବନେଶ୍ୱରରେ ଆୟୋଜିତ ପୂର୍ବୋଦୟ ଦୃଷ୍ଟିକୋଣ ୨୦୨୫ରେ ଯୋଗଦେଇ ରାଜ୍ୟପାଳ ଡକ୍ଟର

ହରିବାବୁ କମ୍ଭମପାଟି ଭାରତର ବିକାଶରେ ପୂର୍ବୋଦୟର ମୂଳଦୁଆ ନିହିତ ରହିଛି ବୋଲି କହିଛନ୍ତି । ସେ କହିଛନ୍ତି ଓଡ଼ିଶାର ବିକାଶ ପୂର୍ବାଞ୍ଚଳର ସାମଗ୍ରିକ ବିକାଶରେ ନୂତନ ପର୍ଯ୍ୟାୟ ସୃଷ୍ଟି କରିବ । ରାଜ୍ୟପାଳ କହିଛନ୍ତି ଭାରତର କ୍ରମବିକଶିତ ଆକାଂକ୍ଷା, ସଭ୍ୟତାଗତ ଆତ୍ମବିଶ୍ୱାସ ଏବଂ ପୂର୍ବ ଭାରତର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସାମୁହିକ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି । ପୂର୍ବ ଭାରତ ଏକଦା ସମୃଦ୍ଧିର ଆଲୋକବର୍ତ୍ତିକା ଥିଲା ବୋଲି କହିବା ସହ ରାଜ୍ୟପାଳ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ପୂର୍ବୋଦୟର ବିକାଶ ଜରୁରୀ ବୋଲି କହିଛନ୍ତି । ଏହି ସମ୍ମିଳନୀ ଦେଶର ପୂର୍ବାଞ୍ଚଳକୁ ଦକ୍ଷିଣପୂର୍ବ ଏସିଆ ସହିତ ସଂଯୋଗ କରୁଥିବା ଅର୍ଥନୈତିକ କରିଡରକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ କହିଛନ୍ତି ।

ସମ୍ମିଳନୀକୁ ଭିଡ଼ିଓ ବାର୍ତ୍ତା ଜରିଆରେ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବିକଶିତ ଭାରତ ପାଇଁ ପୂର୍ବୋଦୟ ହେଉଛି ଅଭିବୃଦ୍ଧିର ଇଞ୍ଜିନ । ସମସ୍ତ ସମ୍ଭାବନାକୁ ବାସ୍ତବତାର ରୂପ ଦେବାପାଇଁ ସମସ୍ତେ ମିଳିତଭାବେ ଆଗେଇ ଆସିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାକୁ ଆଗକୁ ନେବା ଦିଗରେ ଏଭଳି ଆୟୋଜନ ସ୍ୱାଗତଯୋଗ୍ୟ । ଶ୍ରୀ ପ୍ରଧାନ କହିଛନ୍ତି ପାରାଦ୍ୱୀପ, ଧାମରା ଏବଂ ଗୋପାଳପୁର ଭଳି ପ୍ରମୁଖ ବନ୍ଦର ଏବଂ ଖଣିଜଭିତ୍ତିକ ଶିଳ୍ପ ସହ ଓଡ଼ିଶା

ପୂର୍ବୋଦୟର ପ୍ରବେଶପଥ ଭାବରେ ଉଭା ହୋଇଛି । ବନ୍ଦରଭିତ୍ତିକ ବିକାଶ ଏବଂ ନୀଳ ଅର୍ଥନୀତି ସରକାରଙ୍କ ପ୍ରମୁଖ ପ୍ରାଥମିକତା ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଭିଡ଼ିଓ ବାର୍ତ୍ତାରେ ଶ୍ରୀ ପ୍ରଧାନ ପୂର୍ବୋଦୟ ଅଭିବୃଦ୍ଧିକୁ ସବୁଜ ଅଭିବୃଦ୍ଧି ବୋଲି କହିବା ସହ ଦେଶର ଯୁବସମ୍ବଳ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକ ଉନ୍ନତ ମାନବ ସମ୍ବଳ ସୃଷ୍ଟି କରି ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶ୍ରୀ ପ୍ରଧାନ କହିଛନ୍ତି ।

## ଧାନ କ୍ରୟ

ଚଳିତ ଖରିଫ ଋତୁରେ ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ଧାନ କ୍ରୟ ହୋଇଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସେ କହିଛନ୍ତି ସମ୍ବଲପୁରରେ ୫୧ହଜାର ୭୬୬ ମେଟ୍ରିକ ଟନ କିଣାଯାଇଛି । ବରଗଡରେ ୩୪ ହଜାର ୩୦୫, କଳାହାଣ୍ଡିରେ ୨ହଜାର ୮୫୦, ବଲାଙ୍ଗିରରେ ୨୨, ନୂଆପଡାରେ ୪୩୮ ଏବଂ ସୁବର୍ଣ୍ଣପୁରରେ ୧୫ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ମିଲରଙ୍କ ସମସ୍ୟା ସରକାର ସମାଧାନ କରିଛନ୍ତି ଏବଂ ଆଉକିଛି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ନିଷ୍ପତ୍ତି ଗ୍ରହଣ କରିବେ । ମିଲିଂ ଚାର୍ଜ ବୃଦ୍ଧି କରିବା ଦାବି ଉପରେ ବିଚାର କରାଯାଉଥିବା ମନ୍ତ୍ରୀ କହିଛନ୍ତି ।

## ମାଲକାନଗିରି-ଉତ୍ତେଜନା

ମାଲକାନଗିରି ଜିଲ୍ଲାର ଏମ୍‌ଭି-୨୬ ଗ୍ରାମରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ସୁଧାର ଆସିଛି । ଆଜି ବି.ଏନ୍.ଏସ୍ ଧାରା-୨୬୩ ହଟାଇ ଦିଆଯାଇଥିବାବେଳେ ୬ଜଣଙ୍କୁ ଗିରଫ କରାଯାଇଛି । ଜିଲ୍ଲାରେ ଇଣ୍ଟରନେଟ୍ ସେବା କଟକଣାକୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି ଇତିମଧ୍ୟରେ ୧୦୬ଟି ଘରକୁ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପିତ କରାଯାଇଛି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନେତୃତ୍ୱରେ ଜିଲ୍ଲା ଜନଜାତି ସମାଜକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି...

## - V/O –

## କମ୍ୟୁନିଟି ପୋଲିସିଂ

କମ୍ୟୁନିଟି ପୋଲିସିଂ ସାଧାରଣ ଜନତା ଏବଂ ପୋଲିସ ମଧ୍ୟରେ ଏକ ବିଶ୍ୱାସର ସେତୁ । ତଟବର୍ତ୍ତୀ ଅଞ୍ଚଳରେ ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହୋଇ ଉତ୍ତମ ସେବା ପ୍ରଦାନ କରିବ ବୋଲି ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି । ସାରା ରାଜ୍ୟରେ ୧୮ଟି ସାମୁଦ୍ରିକ ଥାନା ପକ୍ଷରୁ ୩୦୩ଟି କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସାମୁଦ୍ରିକ ଥାନା ଗୁଡ଼ିକରେ ଆୟୋଜିତ

ଜନସମ୍ପର୍କ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଜନସାଧାରଣ, ଯୁବବର୍ଗ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇ ସାଇବର ସଚେତନତା ଅଭିଯାନ, ତଟସୁରକ୍ଷା, ମହିଳା ଓ ଶିଶୁଙ୍କ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି । ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଛନ୍ତି ଜନସାଧାରଣଙ୍କ ସହଭାଗିତାରେ ରାଜ୍ୟରେ ଅପରାଧ ସଂଖ୍ୟା ହ୍ରାସ ପାଇବା ସହ ସମାଜରେ ଶାନ୍ତି ବଜାୟ ରହିବ ।

## ଖଜଣା ଉପବିଭାଗ ବୈଠକ

ଭୁବନେଶ୍ୱର ଏବଂ କଟକରେ ସରକାରୀ ବାସଗୃହ ପରିଚାଳନାକୁ ଅଧିକ ଉନ୍ନତ କରିବା ଉଦ୍ଦେଶ୍ୟରେ ସାଧାରଣ ପ୍ରଶାସନ ବିଭାଗ ଅଧୀନସ୍ଥ ଖଜଣା ଉପ ବିଭାଗର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ସରକାରୀ ବାସଗୃହ ପରିଚାଳନା କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ପରାମର୍ଶ ଦିଆଯାଇଛି । ସରକାରୀ ବାସଗୃହକୁ ଭଡ଼ା ଲଗାଇବା ଘଟଣାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମହାନଦୀ ଜଳବିବାଦ-ବୈଠକ

ମହାନଦୀ ଜଳବିବାଦ ସମସ୍ୟାର ସମାଧାନ ନେଇ ଆସନ୍ତା ୨୨ ତାରିଖରେ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହେବ । କମିଟିର ସଦସ୍ୟ ତଥା ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇ କହିଛନ୍ତି କମିଟି

ଅଧ୍ୟକ୍ଷ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କମିଟିର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ଗ୍ରହଣ କରିବେ । ବୈଠକରେ ମହାନଦୀ ଜଳବିବାଦ ସମାଧାନ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ ।

## ହାତୀ ରାମୁର କଙ୍କାଳ ସଂରକ୍ଷଣ

ଗବେଷଣା ପାଇଁ ବୟୋଜ୍ୟେଷ୍ଠ ହାତୀ ରାମୁର କଙ୍କାଳ ସଂରକ୍ଷଣ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି । ଏହା ସମାଜ ପାଇଁ ଶିକ୍ଷଣୀୟ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ରାଜ୍ୟରେ ଏବେ ୩୩ ପ୍ରତିଶତ ଜଙ୍ଗଲ ରହିଥିବାବେଳେ ୨ହଜାର ୩୦୦ରୁ ଅଧିକ ହାତୀ ରହିଛନ୍ତି ।

## ପର୍ପଲ ମେଳା

ବଲାଙ୍ଗୀର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁର୍ନବାସ ଓ ଅନୁସନ୍ଧାନ ସଂସ୍ଥାନ ଓ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୭ ତାରିଖରେ ବଲାଙ୍ଗୀର କୋଶଳ କଳାମଣ୍ଡପ ପଡ଼ିଆରେ ପର୍ପଲ ମେଳା ଅନୁଷ୍ଠିତ ହେବ । ଏହାର ଉଦ୍ଦେଶ୍ୟ ହେଉଛି ଦିବ୍ୟାଙ୍ଗ ବ୍ୟକ୍ତି, ସେମାନଙ୍କ ଦକ୍ଷତା, ପ୍ରତିଭା, ଉତ୍ପାଦ ଓ ସୃଜନଶୀଳତା ପ୍ରଦର୍ଶନ କରିବା ପାଇଁ ମଞ୍ଚ ପ୍ରଦାନ କରିବା । ଏହି ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଅଧିକାରୀ ଏବଂ ୫୦୦ରୁ

ଅଧିକ ଦିବ୍ୟାଙ୍ଗମାନେ ଯୋଗଦେଇ କ୍ରୀଡ଼ା, ମନୋରଞ୍ଜନ କଳା ଏବଂ ଚିତ୍ରାଙ୍କନ ପରିବେଷଣ କରିବେ ।

## ସଚେତନତା ଶିବିର

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ ଠାରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବ୍ୟାଙ୍କ ଏବଂ ଜୀବନବୀମା ସଂସ୍ଥା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଦାବିହୀନ ଖାତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିବା କହିଛନ୍ତି । ସମସ୍ତ ଜନସାଧାରଣ ନିଜ ପୁଞ୍ଜି ଅଧିକାର ସାବ୍ୟସ୍ତକୁ ସଫଳ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଲୋକ ଅଦାଲତ

ରାଜ୍ୟର ବିଭିନ୍ନ ସ୍ଥାନରେ ଚତୁର୍ଥ ତଥା ଚଳିତବର୍ଷର ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଲୋକ ଅଦାଲତରେ ୧୯୧ଟି ମାମଲାର ସମାଧାନ କରାଯାଇ ୬୬ଲକ୍ଷରୁ ଅଧିକ ଟଙ୍କା ଆଦାୟ କରାଯାଇଥିବାବେଳେ ରାଜସ୍ୱ ସମ୍ବନ୍ଧିତ ୨୦ହଜାର ୫୮୫ଟି ଓ ଅନ୍ୟାନ୍ୟ ୫୨ଟି ମାମଲାର ସମାଧାନ କରାଯାଇ ୧୪ଲକ୍ଷରୁ ଅଧିକ ଟଙ୍କା ଆଦାୟ କରାଯାଇଛି ।

ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଆୟୋଜିତ ଲୋକ ଅଦାଲତରେ ୬୧ଟି ସାଧାରଣ ମାମଲା, ୨ଟି ମୋଟର ଦୁର୍ଘଟଣା, ୭ଟି ଚେକ୍ ବାଉଁଶ, ୧୩ଟି

ସିଭିଲ, ୩ଟି ବ୍ୟାଙ୍କ ଓ ୨୭ଟି ଅପରାଧିକ ମାମଲାର ସମାଧାନ କରାଯାଇ ଜୋରିମାନା ଆଦାୟ କରାଯାଇଛି ।

ବୌଦ୍ଧ ଜିଲ୍ଲାରେ ଅନୁଷ୍ଠିତ ଅଦାଲତରେ ୧ହଜାର ୭୧୬ଟି ବିଚାରାଧୀନ ମାମଲା ଓ ୧୧୦ଟି ବ୍ୟାଙ୍କ ସମ୍ପର୍କିତ ମାମଲା ସମାଧାନ କରାଯାଇ ୫୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି ।

ଗଜପତି ଜିଲ୍ଲାରେ ୩ହଜାର ୫୪୨ଟି ମାମଲା ମଧ୍ୟରୁ ୨ହଜାର ୭୫୩ଟି ମାମଲାର ସମାଧାନ କରାଯାଇ ୨୫ଲକ୍ଷ ୨୦ହଜାର ୬୭୯ଟଙ୍କା ଆଦାୟ କରାଯାଇଛି ।

ଭଦ୍ରକ ଜିଲ୍ଲାରେ ୨୬ଟି ମୋଟରଜନିତ ମାମଲାର ସମାଧାନ ହୋଇଥିବା ଜଣାପଡିଛି ।

## ଶିଳାନ୍ୟାସ

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ସହରୀ ବିକାଶ ଯୋଜନା ଅଧୀନରେ ଅନେକଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ୧୦କୋଟିରୁ ଅଧିକ ଟଙ୍କା ବ୍ୟୟବରାଦରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ କରାଯିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ଆୟୁଷ୍ମାନ ଭାରତ, ବୟୋବନ୍ଦନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ ।

## ଖେଳ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକରେ ସାଂସଦ ବଳଭଦ୍ର ମାଝି 'ସାଂସଦ ଖେଳ ମହୋତ୍ସବ'ର ଉଦ୍‌ଘାଟନ କରିଛନ୍ତି । ସେ କହିଛନ୍ତି,

ପ୍ରଧାନମନ୍ତ୍ରୀଙ୍କ ଆହ୍ବାନ ଅନୁଯାୟୀ ୨୦୩୬ ଅଲମ୍ପିକ କ୍ରୀଡ଼ାରେ ନବରଙ୍ଗପୁର ଜିଲ୍ଲା କ୍ରୀଡ଼ା ପ୍ରତିଭାମାନେ ଯୋଗଦେଇ ଉନ୍ନତ ପ୍ରଦର୍ଶନ କରିପାରିବେ ।

# ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଗତକାଲି ୧୫ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିବା ବେଳେ ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି ।